# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା ୪୮୪ /ସୂ.ଲୋ.ସଂ, ୧୨/୦୭/୨୦୧୯

## ଢେଙ୍କାନାଳ ଜିଲ୍ଲା ପରିଷଦର ପ୍ରଥମ ସାଧାରଣ ବୈଠକ ଅନୁଷ୍ଠିତ

ଢେଙ୍କାନାଳ, ତା ୧୨/୦୭/୨୦୧୯ ରିଖ :- ଢେଙ୍କାନାଳ ଜିଲ୍ଲା ପରିଷଦର ପ୍ରଥମ ସାଧାରଣ ବୈଠକ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ମିନତୀ ନାୟକଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।

ବୈଠକ ପ୍ରାରମ୍ଭରେ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଜିଲ୍ଲାପାଳ ଶ୍ରୀ ନିଖିଲ ପବନ କଲ୍ୟାଣ ବୈଠକରେ ଉପସ୍ଥିତ ମାନ୍ୟବର ମନ୍ତ୍ରୀ, ସାଂସଦ, ସମସ୍ତ ବିଧାୟକ ଓ ବିଧାୟିକା, ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା, ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା, ସଦସ୍ୟ/ସଦସ୍ୟା, ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖଙ୍କୁ ସ୍ୱାଗତ ଜଣାଇଥିଲେ । ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା ସମସ୍ତ ଅତିଥି-ମାନଙ୍କୁ ସ୍ୱାଗତ ଜଣାଇବା ସହ ନବନିର୍ବାଚିତ ସାଂସଦ ବିଧାୟକ, ବିଧାୟିକା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ, ଜିଲ୍ଲାପାଳଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଇଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ଶ୍ରୀ କୋଦଣ୍ଡଧର ସାହୁ ମଧ୍ୟ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ମାନ୍ୟବର ଖଣି ଓ ଇସ୍ପାତ ଏବଂ ପୂର୍ତ୍ତ ବିଭାଗ ମନ୍ତ୍ରୀ ତଥା କାମାକ୍ଷାନଗର ବିଧାୟକ ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ତାଙ୍କ ବକ୍ତବ୍ୟରେ ଢେଙ୍କାନାଳ ଜିଲ୍ଲାର ପ୍ରଗତିକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାର ସମସ୍ତ ନିର୍ବାଚିତ ପ୍ରତିନିଧି ଓ ସରକାରୀ ଅଧିକାରୀମାନେ ଶାନ୍ତି ଶୃଙ୍ଖଳାର ସହ କାର୍ଯ୍ୟ କରିବା ପାଇଁ ସହଯୋଗ କାମନା କରିଥିଲେ । ନବ ନିର୍ବାଚିତ ସାଂସଦ ଶ୍ରୀ ମହେଶ ସାହୁ ତାଙ୍କ ଅଭିଭାଷଣରେ ସରକାର କାର୍ଯ୍ୟକ୍ରମ କରିବାର ଆଧାର ନାମ ହେଉଛି ବିକାଶ, ସେଥି ସମସ୍ତ ନିର୍ବାଚିତ ପ୍ରତିନିଧି ଓ ସରକାରୀ ଅଧିକାରୀମାନେ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସକ୍ରିୟ ଭୂମିକା ରଖିବାକୁ ପରାମର୍ଶ ଦେଇଥିଲେ । ପୂର୍ବତନ ମନ୍ତ୍ରୀ ତଥା ପରଜଙ୍ଗ ବିଧାୟକ ଡଃ ନୃସିଂହ ଚରଣ ସାହୁ, ଢେଙ୍କାନାଳ ଜିଲ୍ଲାର ଗ୍ରାମାଞ୍ଚଳର ବିକାଶ ପାଇଁ କାର୍ଯ୍ୟକ୍ରମ ଜାରୀ ରହିବା ସହ ସାରା ଭାରତରେ ଏହି ଜିଲ୍ଲାକୁ ଏକ ଆଦର୍ଶ ଓ ଏକ ନମ୍ବର ଜିଲ୍ଲାରେ ପରିଣତ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । (ଜି.ସୂ.ଲୋ.)

ଢେଙ୍କାନାଳ ସଦର ବିଧାୟକ ଶ୍ରୀ ସୁଧୀର କୁମାର ସାମଲ ଢେଙ୍କାନାଳ ଜିଲ୍ଲାର ସମସ୍ତ ଯୋଜନା ଓ କାର୍ଯ୍ୟକ୍ରମ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କର ସହଯୋଗ ଓ ପ୍ରଚେଷ୍ଟା ବଳରେ ଗ୍ରାମାଞ୍ଚଳର ବିକାଶ ସମ୍ଭବ ବୋଲି ଦୃଢ଼ ଆଶା ପୋଷଣ କରିଥିଲେ। ହିନ୍ଦୋଳ ବିଧାୟିକା ଶ୍ରୀମତୀ ସୀମାରାଣୀ ନାୟକ ସମସ୍ତଙ୍କୁ ସ୍ୱାଗତ ଭଣାଇବା ସହ ଢେଙ୍କାନାଳ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ କାର୍ଯ୍ୟ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ କଲ୍ୟାଣ ଫନୀ ପ୍ରପୀଡ଼ିତ ଜନସାଧାରଣଙ୍କୁ ଜିଲ୍ଲାର ସାହାଯ୍ୟ କରିଥିବା ବଦାନ୍ୟ ବ୍ୟକ୍ତିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ପ୍ରଶାସନ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୪୦ ଲକ୍ଷ ଟଙ୍କା ନଗଦରେ ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଓ ତାଙ୍କର ସମସ୍ତ କର୍ମଚାରୀମାନଙ୍କ ତରଫରୁ ୯ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଯୋଗାଇ ଦିଆଯାଇଛି। ଜିଲ୍ଲା ବନଖଣ୍ଡ ଅଧିକାରୀ (ଡି.ଏଫ.ଓ.) ଶ୍ରୀ ସୁଦର୍ଶନ ପାତ୍ର ସବୁଜ ମହାନଦୀ ପ୍ରକଳ୍ପ ସଂପର୍କରେ ଆଲୋକପାତ କରିଥିଲେ। ଢେଙ୍କାନାଳ ଜିଲ୍ଲାର ବ୍ରାହ୍ମଣୀ ନଦୀ କୂଳରେ କୃଷି, ଉଦ୍ୟାନ, ରେଶମ ଚାଷ ବିଭାଗର ମୁଖ୍ୟ ସହାୟତାରେ ପଣସ, ଅର୍ଜୁନ, ନିମ୍ବ ଇତ୍ୟାଦି ବୃକ୍ଷ ରୋପଣ କରାଯିବ। ଏହି ବୃକ୍ଷ ରୋପଣ ନିମନ୍ତେ ବ୍ଲକ ଓ ଜିଲ୍ଲାସ୍ତରୀୟ ପରାମର୍ଶ କମିଟି ଗଠନ କରାଯାଇଛି। ନଦୀକୂଳର ଅବକ୍ଷୟ ରୋକିବା ପାଇଁ ୪୦ ହେକ୍ଟର ଜମିରେ ପ୍ରାୟ ୬୪୦୦୦ ଗଛ ରୋପଣ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ପାତ୍ର କହିଥିଲେ। ସାଂସଦ ଶ୍ରୀ ସାହୁ ମୃତ୍ତିକା ପରୀକ୍ଷା କରାଯାଇ ବୃକ୍ଷରୋପଣ କରିବାକୁ ଡି.ଏଫ.ଓ.ଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଆସନ୍ତା ସାଧାରଣ ପରିଷଦ ବୈଠକ ପୂର୍ବରୁ ଜିଲ୍ଲାର ସମସ୍ତ ଅଧିକାରୀମାନେ ସୂଚନା ପତ୍ର ପ୍ରସ୍ତୁତି କରି ନିର୍ବାଚିତ ପ୍ରତିନିଧିମାନଙ୍କୁ ଦେବାକୁ ସାଂସଦ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନାୟକ ଜିଲ୍ଲା ପରିଷଦର ସମସ୍ତ ଷ୍ଟାଣ୍ଡିଂ କମିଟି ବୈଠକ ନିୟମିତ ଭାବେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ୦୯.୦୪.୨୦୧୮ ତାରିଖ ଜିଲ୍ଲା ପରିଷଦ ସାଧାରଣ ବୈଠକ ବିବରଣୀର ଦୃଢ଼ୀକରଣ କରାଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ସଦାନନ୍ଦ ପରିଡ଼ା ଜିଲ୍ଲାର ଗ୍ରାମାଞ୍ଚଳରେ କରାଯାଇଥିବା ଶିକ୍ଷା କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନରେ ବୃତ୍ତିମୂଳକ ଶିକ୍ଷା, ଯୋଗ ଶିକ୍ଷା ସାମର୍ଥ୍ୟ (ଶିକ୍ଷକ ପ୍ରଶିକ୍ଷଣ), ବିଦ୍ୟାଳୟ ନେତୃତ୍ୱ ପ୍ରଶିକ୍ଷଣ ଯୋଜନାରେ ୨୦୧୯-୨୦ ବର୍ଷରେ ୧୭,୯୦,୨୦୦ ଟଙ୍କା ଅନୁଦାନ ରାଶିରୁ ୧୩,୦୧,୪୦୦ ଟଙ୍କା ସଂପାଦିତ କାର୍ଯ୍ୟ କରାଯାଇ ଶତକଡ଼ା ୮୨ ଭାଗ ଲକ୍ଷ୍ୟ ହାସଲ କରାଯାଇଛି। ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ୨୦୧୮-୧୯ ବର୍ଷରେ ୧୬,୧୯,୧୬,୨୦୯ ଟଙ୍କା ଅନୁଦାନ ରାଶିରୁ ୧୪,୬୮,୬୯ ଟଙ୍କା

# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା ୪୬୪ /ସୂ.ଲୋ.ସଂ, ୧୨/୦୬/୨୦୧୯



ଟଙ୍କା ସଂପାଦିତ କାମ କରାଯାଇ ଶତକଡ଼ା ୮୬ ଭାଗ ଲକ୍ଷ୍ୟ ହାସଲ କରାଯାଇ ଜିଲ୍ଲାର ୧,୨୩,୧୦୮ ଛାତ୍ରଛାତ୍ରୀ ୧୪୨୪ ବିଦ୍ୟାଳୟରୁ ଉପକୃତ ହୋଇଛନ୍ତି । ଗଙ୍ଗାଧର ମେହେର ଶିକ୍ଷାମାନଙ୍କ ବୃଦ୍ଧି ଯୋଜନାରେ ୨୦୧୮-୧୯ ବର୍ଷରେ ପ୍ରସ୍ତାବିତ ଅନୁଦାନ ରାଶି ୪,୪୬,୪୭,୨୦୦ ଟଙ୍କା ୨୪୪ ବିଦ୍ୟାଳୟର ୧୭,୧୭୨ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶତକଡ଼ା ୧୦୦ ସଂପାଦିତ କାମ କରାଯାଇଛି । ଢେଙ୍କାନାଳ ଜିଲ୍ଲାରେ ବାର୍ଷିକ ଉଚ୍ଚ ବିଦ୍ୟାଳୟ ପରୀକ୍ଷାଫଳ ୨୦୧୭ ରେ ୮୬.୩୭%, ୨୦୧୮ ରେ ୭୭.୩୪% ଓ ୨୦୧୯ ରେ ୭୨.୩୪% ହୋଇଥିବା ଶ୍ରୀ ପରିଡ଼ା ପ୍ରକାଶ କରିଥିଲେ । ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟାମାନେ ଉଚ୍ଚ ବିଦ୍ୟାଳୟରେ ଖାଲିଥିବା ପ୍ରଧାନଶିକ୍ଷକ ପଦବୀକୁ ଶୀଘ୍ର ପୂରଣ କରିବାକୁ ଦାବି କରିଥିଲେ ।

ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ନିରଞ୍ଜନ ମିଶ୍ର ଜିଲ୍ଲାରେ ସମସ୍ତ ୩୦୯ ପ୍ରକାର ଔଷଧ ଉପଲବ୍ଧ ହେଉଥିବା ପ୍ରକାଶ କରିଥିଲେ । ରୋଗୀ କଲ୍ୟାଣ ସମିତି ମାଧ୍ୟମରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ବୈଠକରେ ସମସ୍ତ ସଦସ୍ୟାସଦସ୍ୟଗଣ ଦାବି ଉପସ୍ଥାପନ କରିଥିଲେ । ଜିଲ୍ଲାର ୧୮୬ଟି ମଂଜୁରୀ ଡାକ୍ତରୀ ପଦବୀ ମଧ୍ୟରୁ ଜିଲ୍ଲାରେ ୮୪ଟି ପଦବୀ ଖାଲି ପଡ଼ିଥିବା ଡଃ ମିଶ୍ର ପ୍ରକାଶ କରିଥିଲେ । ଜିଲ୍ଲାରେ ଶତକଡ଼ା ୪୦ ଭାଗ ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା ଏବଂ ଏହାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିବାକୁ ଢେଙ୍କାନାଳ ବିଧାୟକ ସମସ୍ତ ବିଧାୟକ ବିଧାୟିକା ଓ ସାଂସଦଙ୍କ ସହଯୋଗ କାମନା କରିଥିଲେ । ମୁରଣ୍ଡା ସଦର ଉପବିଭାଗକୁ ଆଗାମୀ ଉପବିଭାଗରେ ପରିଣତ କରିବାକୁ ବୈଠକରେ ପ୍ରସ୍ତାବ ପ୍ରକାଶ ପାଇଥିଲା । ବଳଦିଆବନ୍ଧ ଚିକିତ୍ସାଳୟର ପାଚେରୀକୁ ତୁରନ୍ତ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କୃଷି ଉପନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର ବେହେରା ଧାନ, ଗହମ, ମକା, ଡାଲିଜାତୀୟ, ତୈଳବୀଜ ଜାତୀୟ, ପନିପରିବା, ମସଲା ଜାତୀୟ, ଆଖୁ ଚାଷ ପାଇଁ ଲକ୍ଷ୍ୟଧାର୍ଯ୍ୟ ୮୭୭୦୦୦ ହେକ୍ଟର ଜମି ଥିବାବେଳେ ୮୮୦୩୭ ହେକ୍ଟର ଜମି ଏହିସବୁ ଫସଲ ଚାଷ କରାଯାଇଛି । ସେହିପରି ଜଳସେଚନ ୩୪୪୦୨ ଜଳସେଚିତ

ଜମିର ଲକ୍ଷ୍ୟ ଧାର୍ଯ୍ୟରୁ ୨୯୬୭୦ ହେକ୍ଟର ଜମିରେ ଏହା ସମ୍ଭବ ହୋଇ ଲକ୍ଷ୍ୟପୂରଣ କରାଯାଇଛି । ୪୧୦୦ କୁଇଣ୍ଟାଲ ବିହନ ୬୪ଟି ପ୍ରାଥମିକ ସମବାୟ ସମିତି ମାଧ୍ୟମରେ ଚଳିତ ବର୍ଷ ବଣ୍ଟନ କରାଯିବ ବୋଲି ଶ୍ରୀ ବେହେରା ପ୍ରକାଶ କରିଥିଲେ ।

ଟେସ୍କୋ ନିର୍ବାହୀ ଯନ୍ତ୍ରୀ ଶ୍ରୀ ସୁଧାଂଶୁ ଶେଖର ମିଶ୍ର ଢେଙ୍କାନାଳ ଜିଲ୍ଲାରେ ଯୋଗ ଏବଂ ଗ୍ରାମ ବିଦ୍ୟୁତ୍କରଣ କାର୍ଯ୍ୟକ୍ରମ ବାବଦରେ ବାଖ୍ୟା କରିଥିଲେ । ଜିଲ୍ଲାର ସମୁଦାୟ ୪୬ ହଜାର ପରିବାରଙ୍କୁ ବିଦ୍ୟୁତ୍କରଣ ସଂଯୋଗ ମିଳିଥିବାବେଳେ ସେଥିରୁ ୪୮ ହଜାର ଗ୍ରାହକଙ୍କୁ ଯୋଗାଇ ଦିଆଯାଇଛି ବୋଲି ପ୍ରକାଶ କରିଥିଲେ । ଜିଲ୍ଲାରେ ବିଦ୍ୟୁତ୍ ଚୋରି ୬୪% କମ୍ ହୋଇଥିବା ଦୃଷ୍ଟିରୁ ସମସ୍ତଙ୍କ ସହଯୋଗ ନିମନ୍ତେ ଶ୍ରୀ ମିଶ୍ର ପ୍ରଶଂସା କରିଥିଲେ । ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଶ୍ରୀ ବିଜୟାନନ୍ଦ ସାହୁ ଜିଲ୍ଲାରେ ୧୨୪୪୪ଟି ନଳକୂପ ଓ ୧୯୮ଟି ପାଇପ୍ ଜଳ ଯୋଗାଣ ଉପରେ ତଥ୍ୟ ପ୍ରଦାନ କରିଥିଲେ । ୨୦୧୯-୨୦ ବର୍ଷପାଇଁ ଏକାଧିକ ଜଳଯୋଗାଣ ପ୍ରକଳ୍ପ ମଞ୍ଜୁର ହୋଇଥିବା କଥା କହିଥିଲେ । ଜିଲ୍ଲାର ୨୧୨ ଗ୍ରାମ ପଞ୍ଚାୟତରେ ୧୪୬ଟି ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲିଥିବାବେଳେ ୬୦ଟି କାର୍ଯ୍ୟକ୍ରମ ସମାପ୍ତ ହୋଇଛି ବୋଲି ଶ୍ରୀ ସାହୁ କହିଥିଲେ । ଜିଲ୍ଲାରେ ବିଜୁଳି, ପାଣି, ରାସ୍ତା ଓ ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱ ଦେବାକୁ ସାଂସଦ ଶ୍ରୀ ସାହୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏମ୍.ଜି.ଏନ୍.ଆର୍.ଇ.ଜି.ଏସ୍.ରେ ୨୦୧୯-୨୦ ବର୍ଷରେ ସମୁଦାୟ ୯୯୯୯ ପ୍ରକଳ୍ପ ସମସ୍ତ ୮ଟି ବ୍ଲକରେ କାର୍ଯ୍ୟକାରୀ ପାଇଁ ୧୪୬୬୬.୬୯ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ପି.ଡି. ଡିଆରଡିଏ ଶ୍ରୀ ବେହେରା ପ୍ରକାଶ କରିଥିଲେ । ଆନୁଷ୍ଠାନିକ ଧନ୍ୟବାଦ ଶ୍ରୀ ନରୋତ୍ତମ ବେହେରା ପ୍ରଦାନ କରିଥିଲେ । ଏହା ସାଧାରଣ ବୈଠକ ପରେ ଜିଲ୍ଲା ପରିଷଦ ପରିଚାଳନା ସମିତି ବୈଠକ ଅନୁଷ୍ଠିତ ହୋଇଥିଲା ।

ଏହି ବୈଠକରେ ଜିଲ୍ଲା ପରିଷଦର ସମସ୍ତ ସଦସ୍ୟ/ସଦସ୍ୟା ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା, ସରପଞ୍ଚ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା ପରିଷଦ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ ।

— x —

ହେମନ୍ତ କୁମାର ନାୟକ
୧୨/୦୬/୨୦୧୯

ଜିଲ୍ଲା ସୂଚନା ଓ ଲୋକ
ସଂପର୍କ ଅଧିକାରୀ
ଢେଙ୍କାନାଳ